# Akashvani, Sambalpur

## SAMBALPURI NEWS BULLETIN

### 12 May 2024- 6.47- 6.52 am.

*********************************************

ଲୋକ୍‌ସଭା ନିର୍ବାଚନ୍-୪ ନମ୍ବର୍   ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶର୍ ୪ ନମ୍ବର୍ ଆର୍ ଓଡ଼ିଶାର୍ ପହେଲା ଖେପ୍ ନିର୍ବାଚନ୍‌ର ଭୋଟ୍ ଆଏବା କାଏଲ୍ ହେବା । ହେଥିର୍‌ଲାଗି ଗଲାକାଏଲ୍ ଉପର୍‌ବେଲା ୫ ବଜାନୁ ପ୍ରଚାର୍ କାମ୍ ବନ୍ଦ୍ ରହିଛେ । ଇ ଖେପ୍‌ଥି ରାଜ୍ୟର୍ କଲାହାଣ୍ଡି, ବ୍ରହ୍ମପୁର୍, ନବରଙ୍ଗ୍‌ପୁର୍ ଆର୍ କୋରାପୁଟ୍ ଲୋକ୍‌ସଭା ଆସନ୍ ଆଉ ହେତାର୍ ଅଧୀନ୍‌ଥି ଥିବା ୨୮ ଟା ବିଧାନ୍‌ସଭା ଆସନ୍ ଲାଗି ଭୋଟ୍ ହେବା । ଇ ଚାର୍‌ହି ଲୋକ୍‌ସଭା ଆସନ୍ ଲାଗି ୭ ଝନ୍ ମହିଲାଙ୍କର୍ ସହେତେ ମୋଟ୍ ୩୭ ଝନ୍ ପ୍ରାର୍ଥୀ ଆଉ ଇତାର୍ ଅଧୀନ୍‌ଥି ଥିବା ୨୮ ଟା ବିଧାନ୍‌ସଭା ଆସନ୍ ଲାଗି ୨୯ ଝନ୍ ମହିଲାଙ୍କର୍ ସହେତେ ମୋଟ୍ ୨ ଶହ ୪୩ ଝନ୍ ପ୍ରାର୍ଥୀ ରହିଛନ୍ । ଓଡ଼ିଶାର୍ ଇ ପହେଲା ଖେପର୍ ଭୋଟ୍‌ଥି ମୋଟ୍ ୬୨ ଲାଖ୍ ୮୭ ହଜାର୍ ୨ ଶହ ୨୨ ଝନ୍ ଭୋଟର୍ ଥିବାର୍ ବେଲେ ପୁରୁଷଙ୍କର୍ ଠାନୁ ମହିଲା ଭୋଟର୍‌ଙ୍କର୍ ସଂଖ୍ୟା ଲାଖେନୁ ଅଏତ୍‌କା ଆଏ । ଇ ଖେପର୍ ଭୋଟ୍ ଲାଗି ମୋଟ୍ ୭ ହଜାର୍ ୩ ଶହ ୩ ଟା ପୁଲିଂ ବୁଥ୍

କରାଯାଇଥିବାର୍ ବେଳେ ସେଥୁ ହଜାରେ ୨ ଶହ ୬୪ ଟା ବୁଥ୍‌କେ ସମ୍ବେଦନ୍‌ଶୀଲ୍ ଭାବେ ଚିହ୍ନଟ୍ କରାଯାଇଛେ ବଲି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟ ତରଫୁ ସୂଚ୍‌ନା ଦିଆଯାଇଛେ । ଭୋଟ୍ ଲାଗି ନିୟୋଜିତ୍ ପୁଲିଂ ପାର୍ଟି ଗଲାକାଏଲ୍‌ନୁ ନିଜର୍ ନିଜର୍ ବୁଥ୍ ନ ପୁହୁଁଚିଯାଇଛନ୍ ।

ଲୋକ୍‌ସଭା ନିର୍ବାଚନ୍-୫ ନମ୍ବର୍ ଆର୍‌ଏନ୍‌ୟୁ / ସମ୍ବଲପୁର

ସେଆଡ଼େ ଦେଶର୍ ୫ ନମ୍ବର୍ ଖେପ୍ ଆର୍ ଓଡ଼ିଶାର୍ ୨ ନମ୍ବର୍ ଖେପ୍ ନିର୍ବାଚନ୍ ଲାଗି ରାଜ୍ୟର୍ ବର୍‌ଗଡ଼୍, ସୁନ୍ଦର୍‌ଗଡ଼୍, ବଲାଙ୍ଗିର୍, କନ୍ଧମାଲ୍ ଆର୍ ଆସ୍କା ଲୋକ୍‌ସଭା ଆସନ୍ ସଙ୍ଗେ ହେତାର୍ ଅଧୀନ୍‌ଥି ଥିବା ୩୫ ଟା ବିଧାନ୍‌ସଭା ଆସନ୍‌ର ଭୋଟ୍ ଆଏବା ୨୦ ତାରିଖ୍ ଦିନ ହେବା । ଇଥି ଚାର୍‌ହି ଲୋକ୍‌ସଭା ଆସନ୍‌ଥି ୪୦ ଝନ୍ ଆଉ  ୩୫ ଟା ବିଧାନ୍‌ସଭା ଆସନ୍ ଲାଗି ୨ ଶହ ୬୫ ଝନ୍ ପ୍ରାର୍ଥୀ ରହିଛନ୍ । ଲୋକ୍‌ସଭା ଆସନ୍ ମାନ୍‌କର୍ ଭିତ୍‌ରୁ ବଲାଙ୍ଗିର୍ ନ ସବୁନୁ ଅଏତ୍‌କା ୧୦ ଝନ୍ ପ୍ରାର୍ଥୀ ଥିବାର୍ ବେଳେ ସୁନ୍ଦର୍‌ଗଡ଼୍ ଆର୍ କନ୍ଧମାଲ୍ ନ ୮ ଝନ୍ ଲେଖା ଆର୍ ବର୍‌ଗଡ଼୍ ଆର୍ ଆସ୍କା ନ ୭ ଝନ୍ ଲେଖା ପ୍ରାର୍ଥୀ ଅଛନ୍ ।

ମୁଖ୍ୟମନ୍ତ୍ରୀ- ବର୍‌ଗଡ୍, ବଲାଙ୍ଗିର୍ ଆର୍‌ଏନ୍‌ୟୁ / ସମ୍ବଲପୁର

ବିଜୁ ଜନ୍‌ତା ଦଲ୍‌ର ସଭାପତି ଆର୍ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଆଏଜ୍ ବଲାଙ୍ଗିର୍ ଆର୍ ବର୍‌ଗଡ୍ ଜିଲ୍ଲା ନ ଦଲୀୟ ପ୍ରାର୍ଥୀମାନ୍‌କର୍ ଲାଗି ପ୍ରଚାର୍ କର୍‌ବେ । ସଖାଲ୍‌ବେଲା ଶ୍ରୀ ପଟ୍ଟନାୟକ୍ ନିଜେ ଭୋଟ୍ ଲଢୁଥିବା ବଲାଙ୍ଗିର୍ ସଂସଦୀୟ କ୍ଷେତ୍ରର୍ କଂଟାବାଞ୍ଜି ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀର୍ ଭିନ୍ ଭିନ୍ ଜାଗା ନ ପ୍ରଚାର୍ ସଭା ମାନ୍‌କୁ ଯୋଗ୍ ଦେବେ । ଶ୍ରୀ ପଟ୍ଟନାୟକ୍ ମଏଧାନେ ବଲାଙ୍ଗିର୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ଆଉ ଉପର୍‌ବେଲା ବର୍‌ଗଡ୍ ନ ଲୋକ୍‌ସଭା ଆଉ ବିଧାନ୍‌ସଭା ଆସନ୍‌ର ଦଲର୍ ପ୍ରାର୍ଥୀମାନ୍‌କର୍ ଲାଗି ପ୍ରଚାର୍ କର୍‌ବେ ବଲି ଜନାପଡ଼ିଛେ ।

ଆଶାକର୍ମୀ- ଭତା ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ପୁଲିଂ ବୁଥ୍ ମାନ୍‌କୁ ନିୟୋଜିତ୍ ଆଶା କର୍ମୀମାନ୍‌କୁ ଭତା ଦିଆଯିବା ବଲି ରାଜ୍ୟ ଗୃହ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ସୂଚ୍‌ନା ଅନ୍‌ସାରେ ଆଶାକର୍ମୀମାନେ ପୁଲିଂ ବୁଥ୍ ମାନ୍‌କୁ ମେଡ଼ିକାଲ୍ କିଟ୍ ଆର୍ ଫାଷ୍ଟଏଡ୍ କିଟ୍ ନେଇକରି ଉପସ୍ଥିତ୍

ରହେବେ । ହେ ବାବ୍‌ଦେ ସେମାନ୍‌କୁ ୨ ଶହ ଟଙ୍କା ଭତା ଆର୍ ଖାଏବାର୍ ବାବ୍‌ଦେ ଶହେ ୫୦ ଟଙ୍କା ମିଲ୍‌ବା ।

ପୁଲିଂ କର୍ମଚାରୀ ମୃତ            ପ୍ରେସ୍ ରିଲିଜ୍

ନବରଙ୍ଗପୁର୍ ଜିଲ୍ଲା ନ ଭୋଟ୍ କାମ୍‌ଥି ନିୟୋଜିତ୍ ୫ନେ କର୍ମଚାରୀ ନିଜର୍ ବୁଥ୍‌କେ ଯାଉଥିବାର୍ ବେଳେ ସଡ଼କ୍ ଦୁର୍ଘଟଣାଥି ତାଙ୍କର୍ ମୃତ୍ୟୁ ହେଇଛେ । ଇ ଘଟ୍‌ନାଥି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଶୋକ ପ୍ରକାଶ୍ କର୍‌ବାର୍ ସଙ୍ଗେ ତାଙ୍କର୍ ପରିବାର୍ ଲୁକ୍‌କୁ ସମବେଦନା ଜନେଇଛନ୍ । ମୃତ କର୍ମଚାରୀଙ୍କର୍ ପରିବାର୍‌କେ ଆଇନ୍ ଅନ୍‌ସାରେ ସାହାଜ୍ ଛଡ଼ା ନିର୍ବାଚନ୍ ଆୟୋଗଙ୍କର୍ ଘୋଷ୍‌ନା ଅନ୍‌ସାରେ ୧୫ ଲାଖ୍ ଟଙ୍କାର୍ ଅତିରକ୍ତ ଅନୁକମ୍ପା ମୁଲକ୍ ସାହାଜ୍ ଦିଆଯିବା ବଲି ମୁଖ୍ୟ ନିର୍ବାଚନ୍ ଅଧିକାରୀ ଶ୍ରୀ ଧଳ କହିଛନ୍ ।

ଆନ୍ତର୍ଜାତିୟ ସେବିକା ଦିବସ          ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଆନ୍ତର୍ଜାତୀୟ ସେବିକା ଦିବସ୍ । ଆଧୁନିକ୍ ନର୍ସିଂ ସେବାକେ ମୁଲ୍ କରିଥିବା ଫ୍ଲୋରେନ୍ସ ନାଇଟ୍‌ଏଙ୍ଗଲ୍‌ଙ୍କର୍ ଜନମ୍ ଦିନ୍ ମେ ମାସର୍ ୧୨ ତାରିଖ୍‌କେ ଗଲା ୧୯୬୫ ମସିହାନୁ ଆନ୍ତର୍ଜାତୀୟ ସେବିକା ପରିଷଦ୍‌ର ନିଷ୍ପତି ଅନ୍‌ସାରେ

ଆନ୍ତର୍ଜାତୀୟ ସେବିକା ଦିବସ୍ ଭାବେ ପାଲନ୍ କରାଯାଉଛେ । ଆନ୍ତର୍ଜାତୀୟ ସେବିକା ଦିବସ୍‌ଥି ସେବିକାମାନ୍‌କର୍ ଉତ୍ସର୍ଗୀକୃତ ସେବା ଭାବ୍‌ନାକେ ସମ୍ମାନ୍ ଜନାବାର୍ ଲାଗି ସାରା ପୁର୍‌ଥି ନ କାର୍ଯ୍ୟକ୍ରମ୍ ମାନ୍ କରାଯାଏସି । ଇବଛର୍ ସେବିକା ଦିବସ୍‌ର ବାର୍ତା ହେଉଛେ 'ଆମ ନର୍ସ ଆମ ଭବିଷ୍ୟତ- ସେବା ଯତ୍ନର ଆର୍ଥିକ୍ ଶକ୍ତି' ।

ରାଷ୍ଟ୍ରୀୟ ଲୋକ୍‌ଅଦାଲତ ଆର୍‌ଏନ୍‌ୟୁ / ସମ୍ବଲପୁର

ଜାତୀୟ ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ଗଲାକାଏଲ୍ ଇ ବଛର୍‌ର ୨ ନମ୍ବର୍ ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍ ହେଇଯାଇଛେ । ହେଥି ମୋଟ୍ ଲାଖେ ୪୮ ହଜାର୍ ୭ ଶହ ୨୦ ଟା ମାମ୍‌ଲାର୍ ସମାଧାନ୍ ସଙ୍ଗେ ଭିନ୍ ଭିନ୍ ପକ୍ଷ ମାନ୍‌କର୍‌ନୁ ମୋଟ୍ ଶହେ ୨୭ କୋଟି ୬୪ ଲାଖ୍ ୮୪ ହଜାର୍ ଶହେ ୯୨ ଟଙ୍କା ଆଦାୟ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ । ସୂଚ୍‌ନା ଅନ୍‌ସାରେ, ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍‌ଥି ୬ ଶହ ୧ ଟା ମଟର୍ ଦୁର୍ଘଟଣା, ୫ ଶହ ୧୩ ଟା ପାରିବାରିକ୍, ୬ ହଜାର୍ ୮ ଶହ ୩୫ ଟା ଫୌଜଦାରୀ, ହଜାରେ ୩ ଶହ ୩୧ ଟା ଦେୱାନୀ ଆର୍ ଅଲ୍‌ଗା ମାମ୍‌ଲା ମାନ୍‌କର୍ ଫଏସଲା ହେଇଥିଲା ।

ସୁବର୍ଣ୍ଣପୁର୍-ପର୍ଯ୍ୟବେକ୍ଷକ୍ ସମୀକ୍ଷା ସୁବର୍ଣ୍ଣପୁର୍ ସମ୍ବାଦଦାତା

ବଲାଙ୍ଗିର୍ ଲୋକ୍‌ସଭା ଆର୍ ସୁବର୍ଣ୍ଣପୁର୍ ଜିଲ୍ଲାର୍ ଦୁହି ବିଧାନ୍‌ସଭା ଆସନ୍ ବୀର୍‌ମହାରାଜ୍‌ପୁର୍ ନ ନିର୍ବାଚନ୍ ଆୟୋଗଙ୍କର୍ ମାର୍ଗଦର୍ଶିକା ଅନ୍‌ସାରେ ଶାନ୍ତିପୂର୍ଣ୍ଣ ଆଉ ନିରପେକ୍ଷ ନିର୍ବାଚନ୍ ପରିଚାଲନା ବାବ୍‌ଦେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ମାନେ ସମୀକ୍ଷା କରିଛନ୍ । ଗଲାକାଏଲ୍ ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ଯୋଗେନ୍ଦ୍ର ତ୍ରିପାଠୀ, ସ୍ୱତନ୍ତ୍ର ପୁଲିସ୍ ପର୍ଯ୍ୟବେକ୍ଷକ୍ ରଜନୀକାନ୍ତ ମିଶ୍ର ଆର୍ ସ୍ୱତନ୍ତ୍ର ଖର୍ଚ୍ଚ ପର୍ଯ୍ୟବେକ୍ଷକ୍ ହିମାଳିନୀ କାଶ୍ୟପ୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ବୈଠକ୍ କରିକରି ଜିଲ୍ଲା ନ ଭୋଟ୍ ଲାଗି ହେଇଥିବା ପ୍ରସ୍ତୁତି, ଆଦର୍ଶ ଆଚରଣ ବିଧି ଲାଗୁ କରାଯିବାର୍ ସଙ୍ଗେ ଆଇନ୍ ଶୃଙ୍ଖଳା ଥିତିର୍ ସମୀକ୍ଷା କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜର୍ ଭିନ୍ ଭିନ୍ ଜାଗା ନ କାଲ୍‌ବୈଶାଖୀ ବର୍ଷା ଥିତି ରହିଥିବାର୍ ବେଲେ ହେତାର୍ ପ୍ରଭାବ୍‌ଥି ତାତି ଟିକେ କମିଛେ । ଆଏଜ୍ ପଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍, ଦେବ୍‌ଗଡ଼୍, ସୁନ୍ଦର୍‌ଗଡ଼୍ ଆର୍ ବୌଦ୍ଧ ସହେତେ ରାଜ୍ୟର୍ କେତେ ଜାଗା ନ କାଲ୍‌ବୈଶାଖୀ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ହେଲେ ଆଏବା

୧୬ - ୧୭ ତାରିଖ୍‌ନୁ ଫେର୍ ଘାଏ ଗ୍ରୀଷ୍ମପ୍ରବାହ ବଢ଼୍‌ବା ବଲି କୁହାଯାଇଛେ ।